# NATIONAL NEWS BULLETIN (ODIA)

**25 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୨ତମ ଏସିଆନ ଭାରତ ସମ୍ମିଳନୀକୁ ଆସନ୍ତାକାଲି ଆଭାସୀ ମାଧ୍ୟମରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ବିହାର ବିଧାନସଭା ପ୍ରଥମପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚାଲିଛି ପ୍ରଚାର ।
- ଛଟ୍‌ପୂଜା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଦେଶରେ ବର୍ତ୍ତମାନ ୮୧୯ଟି ମେଡ଼ିକାଲ କଲେଜ ରହିଛି- କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ସିଡ୍‌ନୀ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୩୭ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି ଅଷ୍ଟ୍ରେଲିଆ ।

## ପିଏମ୍-ଏସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତକାଲି ୨୨ତମ ଏସିଆନ୍ – ଭାରତ ସମ୍ମିଳନୀରେ ଆଭାସି ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ମଧ୍ୟ ଏହି ସମ୍ମିଳନୀର

ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ଆସିଆନ୍-ଭାରତ ରଣନୈତିକ ଭାଗିଦାରୀତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିକ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏସୀୟ ନେତାମାନେ ମିଳିତ ଭାବେ ଆସିଆନ୍-ଭାରତ ସମ୍ମିଳନୀର ବିକାଶ ସମ୍ପର୍କରେ ସମୀକ୍ଷା କରିବା ସହିତ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ।

## ବିହାର କ୍ୟାମ୍ପେନିଂ

ବିହାର ବିଧାନସଭା ପ୍ରଥମପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ଚାଲିଛି । ଆସନ୍ତାମାସ ୬ ତାରିଖରେ ଏହି ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏନ୍‌ଡିଏ ଏବଂ ମହାଗଠବନ୍ଧନ ଉଭୟଙ୍କ ତାରକା ପ୍ରଚାରକମାନେ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ର୍‍ୟାଲି ଏବଂ ସମାବେଶମାନ ଆୟୋଜନ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ପ୍ରଚାରରେ ଆଇନ୍‌ଶୃଙ୍ଖଳା, ବେରୋଜକାରୀ, ପ୍ରବାସୀ ଭାରତୀୟ, ଶିକ୍ଷା ଏବଂ ଦେଶ ତଥା ରାଜ୍ୟର ବିକାଶ ପ୍ରମୁଖ ପ୍ରସଙ୍ଗ ଭାବେ ଆଲୋଚନା ହେଉଛି । ବରିଷ୍ଠ ବିଜେପି ନେତା  ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି

କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ।

## ବିହାର - ଛଟ୍ ପୂଜା

ବିହାରରେ ଆଜିଠାରୁ ୪ ଦିନିଆ ଛଟ୍‌ପୂଜାର ଶୁଭାରମ୍ଭ ହୋଇଛି । ବିଶ୍ୱାସର ପର୍ବ ଭାବେ ଛଟ୍ ମହାପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି । ପ୍ରକୃତି ଏବଂ ସ୍ୱଚ୍ଛତାର ପ୍ରତୀକ ଭାବେ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଛଟ୍ ପର୍ବ ଯୋଗୁଁ ବିହାର ସମେତ ଦେଶର ଅନ୍ୟ କେତେକ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି । ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଇବା ଲାଗି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

## ପିଏମ୍-ଛଟ୍ ପର୍ବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ଏବଂ ବିଶ୍ୱର ଶ୍ରଦ୍ଧାଳୁମାନଙ୍କୁ ଛଟ୍‌ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସମସ୍ତ ଭକ୍ତଙ୍କ ଭକ୍ତିକୁ ସମ୍ମାନ ଜଣାଇବା ସହିତ ଏହି ଚାରିଦିନିଆ ଛଟ୍ ପର୍ବର ସଂସ୍କୃତି ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଛଟ୍ ପର୍ବର ବର୍ଦ୍ଧିତ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ସ୍ୱୀକାର କରି କହିଛନ୍ତି ଯେ ବିଶ୍ୱରେ ବସବାସ କରୁଥିବା ଭାରତୀୟ ପରିବାରଗୁଡ଼ିକ ହୃଦୟର ସହିତ ଏହି ଛଟ୍ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଛଟ୍ ମା'ଙ୍କ ପ୍ରତି ସମର୍ପିତ ଏକ ଭକ୍ତିପୂର୍ଣ୍ଣ ଗୀତ ମଧ୍ୟ ସେୟାର କରିଛନ୍ତି । ଏଥିରେ ସମସ୍ତଙ୍କୁ ଆଧ୍ୟାତ୍ମିକ ପ୍ରତିଧ୍ୱନିରେ ପ୍ରଭାବିତ ହେବା ପାଇଁ ସେ ଆମନ୍ତ୍ରଣ କରିଛନ୍ତି । ଛଟ୍ ମା' ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଏହି ମହାନ୍ ଉତ୍ସବ ସରଳତା ଏବଂ ସଂଯମତାର ପ୍ରତୀକ । ଏହାଦ୍ୱାରା ପବିତ୍ରତା ଏବଂ ନିୟମର ଅନୁପାଳନ କରାଯାଇଥାଏ । ଏହା ସମାଜ ଉପରେ ଗଭୀର ଭାବରେ ପ୍ରଭାବ ପକାଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଛଟ୍ ପର୍ବ ହେଉଛି ବିଶ୍ୱାସ, ପୂଜା ଏବଂ ପ୍ରକୃତି ପ୍ରେମର ଏକ ଅନନ୍ୟ ନିଦର୍ଶନ । ବିଶେଷକରି ଅସ୍ତଗାମୀ ଏବଂ ଉଦିତ ସୂର୍ଯ୍ୟଦେବତାଙ୍କୁ ଏହି ଛଟ୍ ପର୍ବ ଅବସରରେ ଅର୍ଘ୍ୟ ପ୍ରଦାନ କରାଯାଇଥାଏ ।

## ଶାହା-ଛଟ୍ ପର୍ବ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନହାୟ-ଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଯେ ନହାୟ-ଖାଇର ରୀତିନୀତିରୁ ଆରମ୍ଭ ହେଉଥିବା ଛଟ୍‌ପୂଜା ପର୍ବ ପରମ୍ପରା, ବିଶ୍ୱାସ ଏବଂ ସାମାଜିକ ସମନ୍ୱୟର ଉତ୍ସବ ଅଟେ । ଏହି

ଉପଲକ୍ଷେ ଜନସାଧାରଣଙ୍କର ସୁଖ-ସମୃଦ୍ଧି ପାଇଁ ସେ ଛଟ୍ ମା'ଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ପିଆଇବି-ଫ୍ୟାକ୍ଟ ଚେକ୍

ଆଫଗାନିସ୍ତାନରେ ତାଲିବାନ ସରକାର ଅନେକ ଭାରତୀୟଙ୍କୁ ବନ୍ଦୀକରି ରଖିଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଭିଡ଼ିଓ ବାର୍ତ୍ତାକୁ ସରକାର ଖଣ୍ଡନ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟ-ପିଆଇବିର ତଥ୍ୟ

ଯାଞ୍ଚ କେନ୍ଦ୍ର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି- ଏଭଳି ରିପୋର୍ଟ ତଥ୍ୟଭିତ୍ତିକ ନୁହେଁ । ଭିଡ଼ିଓଟି ବହୁ ପୁରୁଣା ଏବଂ ୨୦୨୧ ମସିହାର । ଗଣମାଧ୍ୟମରେ ପ୍ରସାରିତ ଏଭଳି ମିଥ୍ୟା ତଥ୍ୟ ଆଧାରିତ ସୂଚନାକୁ ବିଶ୍ୱାସ ନ କରିବାକୁ ପିଆଇବିର ତଥ୍ୟ ଯାଞ୍ଚ ୟୁନିଟ୍ କହିଛି । ମିଥ୍ୟା ତଥ୍ୟ ଆଧାରିତ କୌଣସି ପ୍ରଚାର ପ୍ରତି ସତର୍କ ରହିବା ସହ ତଥ୍ୟ ଯାଞ୍ଚ କେନ୍ଦ୍ରକୁ ଇ-ମେଲ୍ କିମ୍ବା ଟେଲିଫୋନ୍ ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି ।

## ନଡ୍ଡା-ଏମ୍ସ କନ୍‌ଭୋକେସନ

ଦେଶରେ ବର୍ତ୍ତମାନ ୮୧୯ଟି ମେଡ଼ିକାଲ କଲେଜ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା କହିଛନ୍ତି । ନୂଆଦିଲ୍ଲୀର ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ ଏମ୍ସର ୫୦ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି ଦେଶରେ ସ୍ନାତକ ଡାକ୍ତରୀ ସିଟ୍ ୫୧ହଜାର ବୃଦ୍ଧି ପାଇ ଏବେ ୧ଲକ୍ଷ ୨୯ହଜାର ହୋଇଛି । ସ୍ନାତକୋତ୍ତର ଡାକ୍ତରୀ ସିଟ୍ ସଂଖ୍ୟା ମଧ୍ୟ ୭୮ହଜାରକୁ ବୃଦ୍ଧି ପାଇଥିବା ଶ୍ରୀ ନଡ୍ଡା କହିଛନ୍ତି ।

ଚିକିତ୍ସା ବିଜ୍ଞାନ, ତାଲିମ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏମ୍ସ ଉତ୍କର୍ଷ ପ୍ରତିପାଦନ କରିବା ସହ ଚିକିତ୍ସା ଗବେଷଣାରେ ଏକ ଅଗ୍ରଣୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

# ଇୟୁ-ନାଟୋ ସାଙ୍ଗସନ୍ସ

ୟୁରୋପୀୟ ନେତା ଏବଂ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଂଗଠନ ନାଟୋର ମୁଖ୍ୟ' ରୁଷ୍ ଉପରେ କଟକଣା କଠୋର କରିବାକୁ ଆହ୍ୱାନ ଦେଇଛନ୍ତି। ଲଣ୍ଡନଠାରେ ଅନୁଷ୍ଠିତ ଏକ ବୈଠକରେ ସେ ୟୁକ୍ରେନକୁ ଦୂରଗାମୀ ଆକ୍ରମଣ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ଏକ ମିଳିତ ଗଣମାଧ୍ୟମକୁ ସମ୍ବୋଧନ କରି ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର କହିଛନ୍ତି ବିଶ୍ୱ ବଜାରରୁ ରୁଷ୍ ତୈଳ ଏବଂ ଗ୍ୟାସ୍‌କୁ ପର୍ଯ୍ୟାୟକ୍ରମେ ଦୂରେଇବାକୁ ନାଟୋର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଲକ୍ଷ୍ୟ ରଖିଛନ୍ତି । ଏପରିକି ୟୁକ୍ରେନର ପୁନଃନିର୍ମାଣ କ୍ଷେତ୍ରରେ ରୁଷିୟ ସମ୍ପତ୍ତି ବ୍ୟବହାର କରିବାକୁ ବିଚାର କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ୟୁକ୍ରେନକୁ ୫ହଜାରରୁ ଅଧିକ ହାଲୁକା ବହୁମୁଖୀ କ୍ଷେପଣାସ୍ତ୍ର ବ୍ରିଟେନ ପଠାଇବାକୁ ପଦକ୍ଷେପ ନେଇଛି । ସେଥିରୁ ୧୪୦ଟି ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ପ୍ରଦାନ କରାଯାଇ ସାରିଛି ବୋଲି ସେ କହିଛନ୍ତି । ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଛନ୍ତି ପ୍ରଥମଥର ପାଇଁ ରୁଷ୍‌ର ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରକୁ ଲକ୍ଷ୍ୟରେ ରଖି ୟୁରୋପୀୟ ସଂଘ ୧୯ତମ ପର୍ଯ୍ୟାୟ ପ୍ରତିବନ୍ଧକକୁ ଅନୁମୋଦନ କରିଛି ।

ଏହାର ଉତ୍ତରରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ କହିଛନ୍ତି ଏଭଳି ନିଷ୍ପତ୍ତି ପ୍ରଭାବହୀନ । ରୁଷ୍‌ର ଅର୍ଥନୀତି କ୍ଷେତ୍ରରେ ଏହା କୌଣସି କ୍ଷତି ପହଞ୍ଚାଇବ ନାହିଁ ବୋଲି ଶ୍ରୀ ପୁଟିନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପଙ୍କ ସହ କୌଣସିପ୍ରକାର ଅନୌପଚାରିକ

ଆଲୋଚନା ହେବ ନାହିଁ ବୋଲି ସେ କହିଛନ୍ତି । ଶ୍ରୀ ଟ୍ରମ୍ପ’ ରୁଷ୍ ରାଷ୍ଟ୍ରପତିଙ୍କ ସହ ବୈଠକ ବାତିଲ କରିବା ପରିପ୍ରେକ୍ଷୀରେ ଶ୍ରୀ ପୁଟିନ ଏହା କହିଛନ୍ତି ।

## ଇଣ୍ଡିଆ-ପାକ୍

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନି ହରିଶ ପାକିସ୍ତାନକୁ ଅବୈଧ ଭାବରେ ଅଧିକୃତ କରିଥିବା ଅଞ୍ଚଳ ବିଶେଷକରି ଜାମ୍ମୁ ଏବଂ କାଶ୍ମୀରୀ ମାନବାଧିକାର ଉଲ୍ଲଙ୍ଘନ ବନ୍ଦ କରିବାକୁ କହିଛନ୍ତି । ଗତକାଲି ୮୦ତମ ଜାତିସଂଘ ଦିବସରେ ଆୟୋଜିତ ଏକ ବିତର୍କରେ ସେ ଜାତିସଂଘ ସୁରକ୍ଷା ପରିଷଦକୁ ସମ୍ବୋଧିତ କରି ଏହା କହିଛନ୍ତି । ଭାରତର ରାଷ୍ଟ୍ରଦୂତ ହରିଶ ପୁଣି କହିଛନ୍ତି ଯେ ଜାମ୍ମୁ ଏବଂ କାଶ୍ମୀର ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ । ସେ କହିଛନ୍ତି ଜାମ୍ମୁ ଏବଂ କାଶ୍ମୀରର ଲୋକମାନେ ଦେଶର ସମୟ ପରିକ୍ଷିତ, ଗଣତାନ୍ତ୍ରିକ ପରମ୍ପରା ଏବଂ ସାମ୍ବିଧାନିକ ଢ଼ାଞ୍ଚା ସହିତ ସେମାନଙ୍କର ମୌଳିକ ଅଧିକାରକୁ ବ୍ୟବହାର କରିଥାନ୍ତି । ବସୁଧୈବ କୁଟୁମ୍ବକମ ପ୍ରତି ଦେଶର ପ୍ରତିବଦ୍ଧତା, ବିଶ୍ୱକୁ ଗୋଟିଏ ପରିବାର ଭାବରେ ଦେଖିବା ସହିତ ସମସ୍ତଙ୍କ ପାଇଁ ନ୍ୟାୟ, ମର୍ଯ୍ୟାଦା ଏବଂ ସମୃଦ୍ଧି ପାଇଁ ସମର୍ଥନ କରିବା ଉପରେ ଶ୍ରୀ ହରିଶ ଗୁରୁତ୍ୱାରୋପ କରିଛନ୍ତି ।

# ଟ୍ରମ୍ପ-ଏସିଆ ଟୁର୍

ଏସିଆନ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗସ୍ତ କରିଛନ୍ତି । ଶ୍ରୀ ଟ୍ରମ୍ପ ଏହି ଗସ୍ତ ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଏବଂ ଉତ୍ତର କୋରିଆର କିଙ୍ଗ ଜୋଙ୍ଗ ଉନ୍‌ଙ୍କ ସମେତ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃମଣ୍ଡଳୀ ସହ ସାକ୍ଷାତ୍ ଆଲୋଚନା କରିବାର ଆଶା କରାଯାଉଛି । ଚୀନ୍ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧକୁ ଶ୍ରୀ ଜିନ୍‌ପିଙ୍ଗ ଏବଂ ଶ୍ରୀ ଟ୍ରମ୍ପ ଆଲୋଚନା ମାଧ୍ୟମରେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଇବେ ବୋଲି ଆଶା କରାଯାଉଛି ।

ଏସିଆ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ୱାଶିଂଟନ୍‌ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଶ୍ରୀ ଟ୍ରମ୍ପ କହିଛନ୍ତି ଅତିରିକ୍ତ ୧୦୦ ପ୍ରତିଶତ ଶୁଳ୍କକୁ ଏଡାଇବା ପାଇଁ ଚୀନ୍ ଆମେରିକା ସହ ଏକ ବୁଝାମଣାରେ ସହମତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଆସନ୍ତାମାସ ପହିଲାରୁ ଚୀନ୍‌ର ସାମଗ୍ରୀଗୁଡ଼ିକ ଉପରେ ଏହି ଅତିରିକ୍ତ ଶୁଳ୍କ ଲାଗୁ ହେବା ନେଇ ଆମେରିକା ପକ୍ଷରୁ ଘୋଷଣା କରାଯାଇଛି । ମାଲେସିଆରେ ଶିଖର ସମ୍ମିଳନୀ ଅବସରରେ ଶ୍ରୀ ଟ୍ରମ୍ପ କେତେକ ନୂତନ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଟ୍ରମ୍ପଙ୍କ ତତ୍ତ୍ୱାବଧାନରେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତିନାମା ହେବାର ଆଶା

କରାଯାଉଛି । ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ଶ୍ରୀ ଟ୍ରମ୍ପ ଆଲୋଚନା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ କ୍ରିକେଟ ମ୍ୟାଚ୍

ସିଡ୍‌ନୀଠାରେ ଚାଲିଥିବା ଚଳିତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତ ସମ୍ମୁଖରେ ୨୩୭ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୪୬ ଦଶମିକ ୪ ଓଭରରେ ସମସ୍ତ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ୨୩୬ ରନ୍ ସ୍କୋର କରିଛି। ଭାରତ ପକ୍ଷରୁ ହର୍ଷିତ ରାଣା ୪ଟି ୱିକେଟ୍ ନେଇଛନ୍ତି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧୧ ଓଭର ୧ ୱିକେଟ୍ ହରାଇ ୭୦ ରନ୍ ସ୍କୋର କରିଥିଲା ।